# ଆଜି ଅନୁଗୋଳରୁ ୨୧ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ପହଞ୍ଚିଲା ୩୩୬ ରେ - ଜିଲ୍ଲାରେ ୩ୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ।

ଆଜି ଅନୁଗୋଳ ଜିଲ୍ଲାରୁ ୨୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଂକ ମଧ୍ୟରେ ତାଳଚେର ବ୍ଲକ୍ ଅଂଚଳରୁ ୧୦ ଜଣ, ବଅଁରପାଳ ବ୍ଲକ୍ ଅଂଚଳରୁ ୯ଜଣ, କଣିହାଁ ବ୍ଲକ୍ ଅଂଚଳରୁ ଜଣେ ଓ ଅନୁଗୋଳ ବ୍ଲକ୍ ଅଂଚଳରୁ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି ।

ତାଳଚେର ବ୍ଲକ ଅଂଚଳରୁ ଚିହ୍ନଟ ହୋଇଥିବା ୧୦ ଜଣ ଆକ୍ରାନ୍ତଂକ ମଧ୍ୟରେ ୬ ଜଣ ପୁରୁଷ ଯାହାଂକ ବୟସ ୨୩,୨୬,୨୬,୨୭,୩୦ ଓ ୫୬ ବର୍ଷ ହୋଇଥିବାବେଳେ ୪ ଜଣ ମହିଳାଙ୍କ ବୟସ ୨୮,୪୫,୪୯ ଓ ୭୫ ବର୍ଷ ଅଟେ । ଏମାନଂକ ମଧ୍ୟରେ ୨୭ ଓ ୩୦ ବର୍ଷିୟ ୨ଜଣ ପୁରୁଷ ତାଳଚେର ସ୍ଥିତ ଏକ ସଂସ୍ଥାରେ କାର୍ଯ୍ୟ କରୁଥିବାବେଳେ ସେମାନଂକର ପଜିଟିଭ ବାହାରିଥିଲା । ୨୩ ଓ ୫୬ ବର୍ଷୀୟ ୨ ଜଣ ପୁରୁଷ , ୭୫ ଓ ୪୫ ବର୍ଷିୟା ୨ ଜଣ ମହିଳା ଗୋଟିଏ ପରିବାରର ଅଟନ୍ତି ଏବଂ ସେମାନେ କିଛିଦିନ ତଳେ କଟକର ବଡମ୍ବାରୁ ଫେରିଥିଲେ । ୨୮ ବର୍ଷିୟ ମହିଳା ପୁନେରୁ ଫେରିଥିବାବେଳେ ୨୬ ବର୍ଷୀୟ ଜଣେ ପୁରୁଷ ରାଜସ୍ଥାନରୁ ଫେରିଥିଲେ । ସେହିପରି ୪୯ ବର୍ଷିୟା ମହିଳା ଓ ୨୬ ବର୍ଷିୟ ପୁରୁଷ ତାମିଲନାଡୁରୁ ଫେରି ହୋମ କ୍ୱାରାଣ୍ଟାଇନ୍‌ରେ ଥିଲେ ।

ବଅଁରପାଳ ବ୍ଲକର ଏକ ଅସ୍ଥାୟୀ ମେଡିକାଲ ଶିବିରରୁ ଚିହ୍ନଟ ହୋଇଥିବା ୮ ଜଣଂକ ମଧ୍ୟରେ ୭ ଜଣ ପୁରୁଷ ଯାହାଂକ ବୟସ ଯଥାକ୍ରମେ ୨୦,୨୩,୨୪,୨୫,୩୨,୪୬ ଓ ୭୪ ବର୍ଷ ଓ ଜଣେ ମହିଳାଂକର ବୟସ ୭୩ ବର୍ଷ ଅଟେ । ଏମାନଂକ ମଧ୍ୟରୁ ୪୬,୨୫ ଓ ୨୦ ବର୍ଷିୟ ପୁରୁଷ ଆନ୍ଧ୍ରପ୍ରଦେଶରୁ ଫେରିଥିବାବେଳେ ୨୩ ଓ ୨୪ ବର୍ଷିୟ ପୁରୁଷ କର୍ଣ୍ଣାଟକରୁ ଫେରିଥିଲେ । ସେହିପରି ଜଣେ ୩୨ ବର୍ଷିୟ ପୁରୁଷ ମଧ୍ୟପ୍ରଦେଶରୁ ଫେରିଥିବାବେଳେ ୭୪ ବର୍ଷିୟ ଜଣେ ପୁରୁଷ ଓ ୭୩ ବର୍ଷିୟା ଜଣେ ମହିଳା ଗୟା (ବିହାର)ରୁ ଫେରିଥିଲେ । ଏହି ବ୍ଲକ ଅଂଚଳର ୯ମ ଆକ୍ରାନ୍ତ ଜଣଂକ ଜଣେ ୬୩ ବର୍ଷିୟ ପୁରୁଷ ଗତକାଲି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ତାଂକର ଆଣ୍ଟିଜେନ୍ ପରିକ୍ଷା କରାଯାଇ କରୋନା ପଜିଟିଭ ଜଣାପଡିଥିଲା । ତାଂକୁ ଅଧିକ ଚିକିତ୍ସା ନିମନ୍ତେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ କଟକକୁ ସ୍ଥାନାନ୍ତର କରାଯାଉଥିବାବେଳେ ତାଂକର ମୃତ୍ୟୁ ଘଟିଥିଲା ।

ସେହିପରି କଣିହାଁ ବ୍ଲକ୍ ଅଂଚଳରୁ ଜଣେ ୩୬ ବର୍ଷିୟ ପୁରୁଷ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ପଜିଟିଭ ହୋଇଛନ୍ତି ।

ଅନୁଗୋଳ ବ୍ଲକ୍ ଅଂଚଳର ଜଣେ ୩୨ ବର୍ଷିୟ ପୁରୁଷ କଟକସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପଜିଟିଭ ଚିହ୍ନଟ ହୋଇଛନ୍ତି ।

ଚିହ୍ନଟ ହୋଇଥିବା ୨୧ ଜଣଂକ ମଧ୍ୟରେ ଜଣେ ମୃତ୍ୟୁବରଣ କରିଥିବାବେଳେ ଆଉ ଜଣେ କଟକର ଘରୋଇ ହସପିଟାଲରେ ଚିକିତ୍ସାଧିନ ଅଛନ୍ତି । ଅନ୍ୟ ୧୯ ଜଣ ଆକ୍ରାନ୍ତଂକୁ ଆଜି ତାଳଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଇତିମଧ୍ୟରେ ୪ ଜଣ ସୁସ୍ଥ ହୋଇ କୋଭିଡ କେୟାର ସେଣ୍ଟରକୁ ନିରୀକ୍ଷଣ ନିମନ୍ତେ ସ୍ଥାନାନ୍ତର ହୋଇଛନ୍ତି । ପୂର୍ବରୁ ସୁସ୍ଥ ହୋଇଥିବା ୨୧୬ ଜଣଂକୁ ମିଶାଇ ସୁସ୍ଥଂକ ସଂଖ୍ୟା ୨୨୦ ରେ ପହଂଚିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୪୯୫ ତା.୩୧.୭.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ